**ଯୁବକଙ୍କ ଆତ୍ମହତ୍ୟା**

ହିଞ୍ଜିଳିକାଟୁ,୨୧।୯(ଡି.ଏନ.ଏ.): ହିଞ୍ଜିଳିକାଟୁ ମୋହନ କଲୋନୀରେ ଜଣେ ଯୁବ ଯୁବକ ମଙ୍ଗଳବାର ରାତିରେ ଘର ଭିତରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଅଞ୍ଚଳର ପି ବାବୁ ରାଓ (୩୩) । ସେ ଏକ ମୋଟର ଗ୍ୟାରେଜ କରିଥିଲେ। ପାରିବାରିକ କାରଣରୁ ବାବୁ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ଖବର ପାଇ ହିଞ୍ଜିଳି ପୋଲିସ ବୁଧବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏ ନେଇ ହିଞ୍ଜିଳି ପୋଲିସ ନଂ.୨୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିବା ଆଇଆଇସି ଅଭିମନ୍ୟୁସ କହିଛନ୍ତି।

## ଆଜି କ'ଣ କେଉଁଠି

- ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ। ସ୍ଥାନ-ଗାନ୍ଧୀନଗର ଭାଜପା କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା ୩୦।

## ସଂକ୍ଷେପରେ

### ବୃଦ୍ଧଙ୍କ ଘର ଭାଙ୍ଗିବା ଅଭିଯୋଗ, ଜଣେ କୋର୍ଟଚାଲାଣ

ଗୋପାଳପୁର,୨୧।୯(ଡି.ଏନ.ଏ.)-ଜନୈକ ବୃଦ୍ଧଙ୍କ ଘର ଭାଙ୍ଗିବା ଓ ତାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଡ଼ମ୍ବରୁ ନାୟକ। ଅନ୍ୟପକ୍ଷରେ ଏହି ମାମଲାର ତଦନ୍ତ କରିବାକୁ ଯାଇଥିବା ପୋଲିସକୁ ଆକ୍ରମଣ କରିଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ସୋରଳ ଗ୍ରାମରେ ବୃଦ୍ଧ ବଳରାମ ନାୟକଙ୍କ ଘର କାନ୍ଥକୁ ଗତ ୧୯ ତାରିଖରେ ବାଦି ଛକ ନିକଟରେ ଥିବା ଡ଼ମ୍ବରୁ ଓ ତାଙ୍କ ମା' ମିଶି ଡ୍ରିଲ ସହାୟତାରେ ଭାଙ୍ଗିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ବଳରାମ ଥାନାରେ ଅଭିଯୋଗ କରିଥିଲେ। ନଂ.୩୪୩/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଏଏସ୍ଆଇ କେଶର ଚନ୍ଦ୍ର ମାଝି ଓ ଅନ୍ୟ କର୍ମଚାରୀ ତଦନ୍ତ ପାଇଁ ଯାଇଥିଲେ। ସେମାନଙ୍କୁ ଡମ୍ବରୁ ଓ ତାଙ୍କ ଭାଇ ବାସୁଦେବ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତଦନ୍ତରେ ବାଧା ଉପୁଜାଇଥିଲେ। ଏପରିକି ସେମାନେ ଏଏସ୍ଆଇ ମାଝିଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଗୋଳନ୍ଥରା ଥାନାରେ ସେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୪୫/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ ଘଟଣା
### ସାଇଣ୍ଟିଫିକ୍ ଟିମ୍, ପୋଲିସର ତଦନ୍ତ

ବ୍ରହ୍ମପୁର ଅଫିସ,୨୧।୯-ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଛାତ୍ର କୁନାଲ ମଲ୍ଲିକ (୨୦)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଅଧିକ ତଥ୍ୟ ପାଇବା ପାଇଁ ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଥିଲା। ବୁଧବାର ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଆର୍. କେ. ହଷ୍ଟେଲର ରୁମ୍ ନମ୍ବର ୨୮ରେ ତଦନ୍ତ କରିଛି। ରୁମ୍ ଭିତରୁ ଟିମ୍ କେତେକ ନମୁନା ସଂଗ୍ରହ କରିଛି। ପୋଲିସ ଏବେ ଘଟଣାର ସମସ୍ତ ଦିଗ ଉପରେ ତଦନ୍ତ କରୁଥିବା କହିଛି। କୁନାଲଙ୍କ ଜବତ ମୋବାଇଲକୁ ଗତ ଦୁଇଦିନ ମଧ୍ୟରେ ଆସିଥିବା କଲ୍‌ଗୁଡ଼ିକୁ ଯାଞ୍ଚ କରୁଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଏବେ ବି ସ୍ପଷ୍ଟ ହୋଇପାରି ନାହିଁ। କେତେଜଣ ଛାତ୍ରଙ୍କ ମୋବାଇଲକୁ ପୋଲିସ ଏବେ ଟ୍ରାକିଂ ମଧ କରୁଥିବା ଜଣାପଡିଛି। ପ୍ରାଥମିକ ଅନୁସନ୍ଧାନରୁ କୁନାଲଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ବିଷକ୍ରିୟାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ସଂଗ୍ରହ ହୋଇଥିବା ଭିସେରା ପରୀକ୍ଷା ପାଇଁ ଭୁବନେଶ୍ୱର ଏସ୍ଏଫ୍ଏସ୍ଏଲକୁ ପଠାଯିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ବଢ଼ିପଙ୍କା ଗ୍ରାମର କୁନାଲ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ କଳା ବିଭାଗର ଛାତ୍ର ଥିଲେ। ସେ ଆର.କେ.ହଷ୍ଟେଲରେ ରହୁଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କର କିଛି ସାଙ୍ଗ ଉକ୍ତ ରୁମ୍‌କୁ ଯାଇ କୁନାଲଙ୍କୁ ଖାଇବାକୁ ଯିବା ପାଇଁ ଡାକିଥିଲେ। ସେ କିଛି ଉତ୍ତର ଦେଇ ନ ଥିଲେ। ଏଣୁ ସେମାନଙ୍କ ସନ୍ଦେହ ହୋଇଥିଲା। ପରେ ଛାତ୍ରମାନେ ୱାର୍ଡେନ ଦୀପକ କୁମାର ମିଶ୍ରଙ୍କୁ ଜଣାଇଥିଲେ। ପରେ ଆମ୍ବୁଲାନ୍ସରେ କୁନାଲଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଋଷିକୁଲ୍ୟାରେ ହେବ ପିପଲପଙ୍କା ଡ୍ୟାମ୍

ବ୍ରହ୍ମପୁର ଅଫିସ,୨୧।୯

- ବ୍ୟୟ ଅଟକଳ ହୋଇପାରେ ୧୦୦୦ କୋଟି
- ସୋରଡ଼ା ବିଧାୟକଙ୍କ ସୂଚନା
- ଜଳ ଭଣ୍ଡାର ନିର୍ମାଣକୁ ପରିବେଶବିତ୍‌ଙ୍କ ବିରୋଧ

ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନମଣ୍ଡଳୀରେ ପ୍ରବାହିତ ଋଷିକୁଲ୍ୟା ନଦୀକୁ ନେଇ ନିର୍ମାଣ ହେବ ପିପଲପଙ୍କା ଜଳଭଣ୍ଡାର। ଦୀର୍ଘବର୍ଷରୁ ପ୍ରସ୍ତାବିତ ଏହି ଡ୍ୟାମ୍ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସର୍ଭେ କରାଯାଇ ସ୍ଥାନ ଚିହ୍ନଟ ହୋଇଛି। ଏହି ପ୍ରକଳ୍ପ ନିମନ୍ତେ ପ୍ରାୟ ୧ହଜାର କୋଟି ଟଙ୍କା ବ୍ୟୟ ହେବାର ପ୍ରାକ୍ ଅଟକଳ କରାଯାଇଛି। ସେଠାର ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏହି ସୂଚନା ଦେଇଛନ୍ତି । ଯୋଜନା ସମ୍ପୂର୍ଣ୍ଣ ହେଲେ ବ୍ୟାପକ ଅଞ୍ଚଳରେ କୃଷି କାର୍ଯ୍ୟକ୍ରମ ନିମନ୍ତେ ସୁବିଧାରେ ସେଚ ବ୍ୟବସ୍ଥା ସହ ଅନେକ ଗ୍ରାମାଞ୍ଚଳକୁ ପିଇବା ପାଣି ଯୋଗାଣ ହୋଇପାରିବାର ସେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ୯୦ ଦଶକର ଦ୍ୱିତୀୟ ଭାଗରେ ଜିଲାରେ ଗୋପାଳପୁର ବନ୍ଦର ଭିତ୍ତିକ ମେଗା ଇସ୍ପାତ କାରଖାନା ଟାଟା କମ୍ପାନୀ ପକ୍ଷରୁ ହେବାର ଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ୧୯୯୬ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର କ୍ଷେତ୍ରରୁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ଭୋଟ ରାଜନୀତି ପାଇଁ ସେ ଟାଟାକୁ ଚାପ ପକାଇ ସଫଳ ହୋଇଥିଲେ। ନିର୍ବାଚନ ପୂର୍ବରୁ ୧୯୯୫ ଡିସେମ୍ବର ଶେଷରେ ରାଓ କାରଖାନା ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀ ମୁଖ୍ୟ ରତନ ଟାଟା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଇସ୍ପାତ ପ୍ରକଳ୍ପକୁ ଜଳଯୋଗାଣ ନିମନ୍ତେ ପିପଲପଙ୍କା ଯୋଜନା କରାଯିବାର ପ୍ରସ୍ତାବ ରଖାଗଲା। ପ୍ରଶାସନ ପକ୍ଷରୁ ମଧ୍ୟ ସବୁପ୍ରକାର ସହଯୋଗ ମିଳିଲା। ପିପଲପଙ୍କାରୁ ମୋଟା ପାଇପ ଯୋଗେ କାରଖାନା ପାଇଁ ପାଣି ଅଣାଯିବାର ନକ୍ସା ପ୍ରସ୍ତୁତ ହୋଇଥିଲା।

ଅପରପକ୍ଷରେ ଇସ୍ପାତ ପ୍ରକଳ୍ପକୁ ଆରମ୍ଭରୁ ବିରୋଧ କରାଯାଇଥିଲା। ପ୍ରତିବାଦ ଆନ୍ଦୋଳନ ଜୋରଦାର କରାଗଲା। ଏହାସହ ପିପଲପଙ୍କା ଡ୍ୟାମ୍ ନିର୍ମାଣକୁ ମଧ୍ୟ ତୀବ୍ର ବିରୋଧ ହେଲା। ଯଦି ନିର୍ମାଣ ହେବ ସେହି ପାଣି କୃଷି କାର୍ଯ୍ୟକ୍ରମରେ ବିନିଯୋଗ ପାଇଁ ସ୍ୱର ଉଠିଲା। ତେଣୁ ଜଳଭଣ୍ଡାର ବିବାଦୀୟ ହୋଇଯାଇଥିଲା। ଟାଟା କମ୍ପାନୀ କାରଖାନା ନାଁରେ ହଜାର ହଜାର ଏକର ଜମି ଅଧିଗ୍ରହଣ କରି ପରିଶେଷରେ ଓହରିଗଲା ଏବଂ ପିପଲପଙ୍କା ଯୋଜନା ମଧ୍ୟ ଅଟକି ଯାଇଥିଲା। ଦୀର୍ଘ ୨୬ ବର୍ଷ ପରେ ଏବେ ଡ୍ୟାମ୍ ନିର୍ମାଣ ପ୍ରସଙ୍ଗ ଉଠିଛି । ଏହାକୁ କାର୍ଯ୍ୟକରୀ କରିବାକୁ ଶାସକ ଦଳ ପକ୍ଷରୁ ପଦକ୍ଷେପ ନିଆଯାଇଛି। ପୁରୁଣା ତଥ୍ୟାନୁସାରେ ଅତୀତରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ କମ୍ୟୁନିଷ୍ଟ ନେତା ଗୋବିନ୍ଦ ପ୍ରଧାନ ଭଞ୍ଜନଗର ବିଧାୟକ ଥିବା ବେଳେ ପିପଲପଙ୍କା ଜଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ପାଣି କେବଳ ଚାଷ କାର୍ଯ୍ୟରେ ବ୍ୟବହୃତ କରାଯିବାର ସର୍ତ୍ତ ରଖିଥିଲେ। ତେଣୁ ପିପଲପଙ୍କା ବହୁବର୍ଷର ଦାବି ହୋଇଥିବା ସ୍ପଷ୍ଟ ହୋଇଛି।

ଇସ୍ପାତ କାରଖାନା ଓ ପିପଲପଙ୍କା ଯୋଜନାକୁ ମୂଳରୁ ବିରୋଧ କରି ଆନ୍ଦୋଳନରେ ସାମିଲ ହୋଇଥିବା ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଆଲୋଚନା ପ୍ରସଙ୍ଗରେ କହିଛନ୍ତି, କେବଳ ପିପଲପଙ୍କା ନୁହେଁ ବିଭିନ୍ନ ଡ୍ୟାମ ନିର୍ମାଣ କରାଯିବା ଅନୁଚିତ। ଏହାଦ୍ୱାରା ନଦୀଗୁଡ଼ିକରେ ସ୍ରୋତ କମିଯାଉଛି ଏବଂ ଜଳ ସଙ୍କଟ ଦେଖାଦେଉଛି। ଜାନିବିଲି ଡ୍ୟାମ୍ ଯୋଗୁ ଋଷିକୁଲ୍ୟା ଖରା ଓ ଶୀତ ଋତୁରେ ଶୁଖିଯାଉଛି। ଫଳରେ ନଦୀ ସୁରକ୍ଷା ବିପନ୍ନ ହେଉଛି। ନଦୀଗୁଡ଼ିକରୁ ରୀତିମତ ବାଲି କଢ଼ା ଯାଉଥିବାରୁ ଆଉ ଏକ ସମସ୍ୟା ସୃଷ୍ଟି ହୋଇଛି। ବାଲି ଚୋରା ଚାଲାଣକୁ ରୋକାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜରଡ ଓ ପଦ୍ମା ନଦୀ ଜଳ ରୋକାଯାଇ ବ୍ରିଟିଶ ଶାସନରେ ହୋଇଥିବା ସୋରଡ଼ା ଜଳ ଭଣ୍ଡାର କ୍ରମଶଃ ଅବକ୍ଷୟ ଘଟିବାରେ ଲାଗିଛି। ଏହାର ପୁନରୁଦ୍ଧାର ଦିଗରେ ସରକାର ଅଣଦେଖା କରିଥିବା ବେଳେ ନୂଆ ଯୋଜନା ପିପଲପଙ୍କା ପାଇଁ କାହିଁକି ଆଗ୍ରହ ବୋଲି ସେ ପ୍ରଶ୍ନ କରିଛନ୍ତି। ଋଷିକୁଲ୍ୟାର କଂସାରିଗଣ୍ଡ ପ୍ରକଳ୍ପକୁ ମଧ୍ୟ ସାମନ୍ତରା ବିରୋଧ କରିଛନ୍ତି। ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିବା ପ୍ରକାରେ କୃଷିଜାତ ପଦାର୍ଥର ଉତ୍ପାଦନ ବୃଦ୍ଧି ଓ ପିଇବା ପାଣି ସଙ୍କଟ ଦୂର ଲାଗି ସରକାର ବିଭିନ୍ନ ଡ୍ୟାମ ନିର୍ମାଣକୁ ଗୁରୁତ୍ୱ ଦେଇଛନ୍ତି। ତେଣୁ ପିପଲପଙ୍କା ଯୋଜନା ସ୍ୱାଗତଯୋଗ୍ୟ ହୋଇଥିବା ସେ ମତ ଦେଇଛନ୍ତି।

# କାର ସହ ୧୨୦ କେଜି ଗଞ୍ଜେଇ ଜବତ



ଜବତ ଗଞ୍ଜେଇ, ଅବକାରୀ ପୋଲିସ ଓ ସ୍ଥାନୀୟ ଲୋକ।

ବ୍ରହ୍ମପୁର ଅଫିସ,୨୧।୯

**ଫୁଲବାଣୀରୁ ପଶ୍ଚିମବଙ୍ଗ ଚାଲାଣ ବେଳେ ଧରାପଡିଲା**

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ପୋଲିସ ବୁଧବାର ଭୋରୁ ଫୁଲବାଣୀରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ୧୨୦ କେଜି ଗଞ୍ଜେଇ ଜଗନ୍ନାଥପ୍ରସାଦ ଗୋଛାପଡ଼ାରୁ କାର ସହ ଜବତ କରିଛି। ଅବକାରୀ ପୋଲିସ ଓ ସ୍ଥାନୀୟ ଲୋକ କାରକୁ ପିଛା କରୁଥିବା ଦେଖି ଚାଲାଣକାରୀ କାର ଛାଡ଼ି ଫେରାର ହୋଇଯାଇଥିବା ଅବକାରୀ ଡେପୁଟି କମିଶନର (ଦକ୍ଷିଣାଞ୍ଚଳ) ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ପୋଲିସ ଉକ୍ତ କାରଟିରେ ଲାଗିଥିବା ନମ୍ବର ନକଲି ବୋଲି କହିଛି। ତେବେ କାରର ଇଞ୍ଜିନ ନମ୍ବରକୁ ଟ୍ରାକିଂ କରି ମାଲିକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ହେବ ବୋଲି ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି। ମଙ୍ଗଳବାର ରାତିରେ ଏକ କାରରେ ଗଞ୍ଜେଇ ଫୁଲବାଣୀରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବା ନେଇ ଡେପୁଟି କମିଶନର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶରେ ଉପ-ଅଧୀକ୍ଷକ କୁବେର ସେଠୀ ଓ ଇନ୍ସପେକ୍ଟର ସାମନ୍ତଙ୍କୁ ନେଇ ଦୁଇଟି ଟିମ୍ ଗଠନ ହୋଇଥିଲା। ବୁଧବାର ଭୋରୁ ଏକ କାର (ନଂ ଓଆର ୦୨ ବିକ୍ୟୁ୭୮୫୮) ଜଗନ୍ନାଥପ୍ରସାଦ ଦେଇ ଆସୁଥିବା ବେଳେ ପୋଲିସ ଅଟକାଇଥିଲା। ହେଲେ ଉକ୍ତ କାର ଚାଳକ ଜଣଙ୍କ ପୋଲିସ ଗାଡ଼ିକୁ ସାଇଡ୍ ଦେଇ ଆଗକୁ ଚାଲିଯାଇଥିଲେ। ପୋଲିସ ଉକ୍ତ କାରଟିକୁ ପିଛା କରିଥିଲା। ପୋଲିସକୁ ଦେଖି ଚାଳକ ଗୋଛାପଡ଼ା ଜଙ୍ଗଲ ରାସ୍ତା ପଟେ ଗାଡ଼ି ନେଇଥିଲେ। ହେଲେ ସ୍ଥାନୀୟ ଲୋକ ମଧ୍ୟ ଉକ୍ତ କାର ପିଛା କରିଥିଲେ। ଧରାପଡ଼ିଯିବା ଭୟରେ ଗଞ୍ଜେଇ ଚାଲାଣକାରୀମାନେ ରାସ୍ତା କଡ଼ରେ କାର ଛାଡ଼ି ଜଙ୍ଗଲ ଭିତର ଦେଇ ଖସି ପଳାଇଥିଲେ।

# ଗଜପତିରେ ଅହିଂସା ରଥକୁ ସମ୍ବର୍ଦ୍ଧନା

କାଶୀନଗର/ପାରଳାଖେମୁଣ୍ଡି,୨୧।୯(ଡି.ଏନ.ଏ.)

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ପରିକ୍ରମା କରୁଥିବା ଅହିଂସା ରଥ ବୁଧବାର ଗଜପତି ଜିଲାରେ ପହଞ୍ଚିଛି। ରାୟଗଡା ଜିଲ୍ଲାରୁ ଗଜପତି ଜିଲ୍ଲା ଆସିବା ପରେ କାଶୀନଗର ବ୍ଲକ କତାଗୁଡାଠାରେ ପ୍ରଥମେ ରଥଦ୍ୱୟକୁ ଜିଲା ଓ ବ୍ଲକ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ବ୍ଲକ ତରଫରୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ଉପସ୍ଥିତିରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ବ୍ଲକ ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା ମାଲ୍ୟର୍ପଣ କରି ସ୍ୱାଗତ କରିଥିଲେ। ଅଙ୍ଗନୱାଡି କର୍ମୀ, ଶିଶୁ ବିକାଶ ବିଭାଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସହ ଚିତ୍ତାକର୍ଷକ ଝୋଟି ଓ ଦୀପ ସଜ୍ଜା ଆକର୍ଷଣୀୟ ହୋଇଥିଲା। ରଥ କାଶୀନଗରରେ ପହଞ୍ଚିବା ପରେ ଷ୍ଟେଟ ବ୍ୟାଙ୍କ ଛକରେ ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ନିର୍ବାହୀ ଅଧିକାରୀ ଡାକ୍ତର ସତ୍ୟ ସମ୍ପୂର୍ଣ୍ଣା ରାଉତଙ୍କ ତତ୍ତ୍ୱାବଧାନରେ ସ୍ୱାଗତ



ପାରଳାଖେମୁଣ୍ଡିରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

କରାଯିବା ସହ କିର୍ତ୍ତନ, ୨୦୦ ମିଟର ତ୍ରିରଙ୍ଗା ପତାକା ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ଅନ୍ୟ ଏକ ରଥ ପ୍ରଥମେ ଗୋଷାଣୀ ବ୍ଲକ ଓ ପରେ ପାରଳାଖେମୁଣ୍ଡି ସହରରେ ବୁଲିଥିଲା। ପାରଳାଖେମୁଣ୍ଡି ଫରେଷ୍ଟ ଗେଟ ଛକ ନିକଟରେ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଜିଲାପରିଷଦ ଅଧ୍ୟକ୍ଷ ଜି.ତିରୁପତିରାଓ, ଜିଲା ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀ, ଅତିରିକ୍ତ ଜିଲାପାଳ ପଣ୍ଡା, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଉପାଧ୍ୟକ୍ଷ ଲେଙ୍କା ମଧୁ, ପୌରନିର୍ବାହୀ ଅଧିକାରୀ ଜୁବୁଲୀ ଚରଣ ବେହେରା ପ୍ରମୁଖଙ୍କ ସମେତ ଜିଲା ପ୍ରଶାସନର ପଦାଧିକାରୀଙ୍କ ସହ ଜନସାଧାରଣ ଜାତୀୟ ପତାକା ଧରି ସ୍ୱାଗତ କରିଥିଲେ। ଏହାପରେ ପାରଳା ପୌରାଞ୍ଚଳ ପରିକ୍ରମା କରିବା ପରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅହିଂସାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜନ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଗୁରୁବାର ଅନ୍ତିମ ଦିବସରେ ରାୟଗଡ ବ୍ଲକ,ଆର୍.ଉଦୟଗିରି ଓ ମୋହନା ବ୍ଲକାଞ୍ଚଳକୁ ଗସ୍ତ କରିବ ବୋଲି ଜଣାଡିଛି ।

# ସୂଚନା ଅଧିକାର କର୍ମୀଙ୍କୁ ଅପହରଣ ଅଭିଯୋଗ

ଗୋପାଳପୁର,୨୧।୯(ଡି.ଏନ.ଏ.)

ସୂଚନା ଅଧିକାର କର୍ମୀଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ କରିଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ଅଧିକାରୀ ମଧ୍ୟ ଅନୁସୂଚିତ ଜାତିଙ୍କୁ ଗାଳିଗୁଲଜ କରିଥିବା ନେଇ ପାଲଟା ଅଭିଯୋଗ ହୋଇଛି। ଏ ନେଇ ଗୋଳନ୍ଥରା ଥାନା ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏହି ଥାନା ଅନ୍ତର୍ଗତ କନିଷି ହାଟ ଗ୍ରାମର ବିଶ୍ୱାମ୍ବର ପାତ୍ର ରଙ୍ଗେଇଲୁଣ୍ଡା ବ୍ଲକକୁ କୌଣସି ସୂଚନା ନେଇ ସୋମବାର ବିଡିଓଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ସେଠାରେ ପୂର୍ବରୁ ଗୋବିନ୍ଦପୁର ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ବିଡିଓ ଉଭୟଙ୍କୁ ପ୍ରକୋଷ୍ଠରୁ ବାହାରିଯିବାକୁ କହିଥିଲେ। ବାହାରକୁ ଆସିବା ପରେ ଉକ୍ତ ବ୍ୟକ୍ତି ଓ ତାଙ୍କ ସହଯୋଗୀ ମିଶି ବିଶ୍ୱାମ୍ବରଙ୍କୁ ମାଡ଼ମାରି ଅପହରଣ କରି ନେଇ ଏକ ତୋଟାରେ ହତ୍ୟା ଉଦ୍ୟମ କରିଥିଲେ। ବିଶ୍ୱାମ୍ବର କୌଶଳକ୍ରମେ ସେଠାରୁ ଖସିଆସି ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏ ଇେ ପୋଲିସ ନଂ. ୩୪୦/୨୨ରେ ମାମଲା ରୁଜୁ କରିଛି।

# ଆମ୍ ଆଦ୍‌ମୀ ପାର୍ଟିର ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ବୃନ୍ଦ।

ବ୍ରହ୍ମପୁର ଅଫିସ,୨୧।୯

ଆମ୍ ଆଦମୀ ପାର୍ଟି ଗଞ୍ଜାମ ଜିଲା କମିଟି ପକ୍ଷରୁ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବ୍ଲକ ଓ ଏନ୍ଏସିରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଦଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଟାଉନ ହଲଠାରେ ଆୟୋଜିତ ସମ୍ମିଳନୀରେ ଜିଲା ଆବାହକ ସୁବାସ ରାଉତ ସଭାପତିତ୍ୱ କରିଥିଲେ। ଦଳ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଆଗାମୀ ଦିନରେ ରାଜ୍ୟରେ ସଂଗଠନଙ୍କୁ ସୁଦୃଢ କରି ୨୦୨୪ ନିର୍ବାଚନରେ ବିଜୟଲାଭ ନେଇ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଦିଲ୍ଲୀରେ ବିଗତ ୭ ବର୍ଷରେ ଅରବିନ୍ଦ କେଜ୍‌ରିୱାଲ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ଭ୍ରଷ୍ଟାଚାର ମୁକ୍ତ ଶାସନ ବ୍ୟବସ୍ଥାର ମଡେଲକୁ ସାରା ଭାରତବର୍ଷର ଲୋକେ ପସନ୍ଦ କରୁଛନ୍ତି। ଓଡ଼ିଶା ସରକାର ଦୀର୍ଘ ଦିନ ଶାସନ ବ୍ୟବସ୍ଥାରେ ରହିଥିଲେ ମଧ୍ୟ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପର୍ଯ୍ୟବେକ୍ଷକ ରୁଦ୍ର ରଥ, ଉପ ସଭାପତି ସୁଧୀର ପ୍ରଧାନ, ମହିଳା ସଭାନେତ୍ରୀ ନିଭାସ୍ମିତା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜେଲ ଗଲେ ଲାଞ୍ଚୁଆ ପୋଲିସ ଏସ୍ଆଇ

ବ୍ରହ୍ମପୁର ଅଫିସ,୨୧।୯

ଖଲ୍ଲିକୋଟ ଥାନା ଅଧିନ ଭେଜିପୁଟ ଫାଣ୍ଡି ଅଧିକାରୀ ତଥା ଏସଆଇ ସନ୍ତୋଷ କୁମାର ସ୍ୱାଇଁ ମଙ୍ଗଳବାର ରାତିରେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସଆଇ ସନ୍ତୋଷଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭେଜିପୁଟ ଫାଣ୍ଡି ଅଧିନସ୍ଥ ଗୋରାପଲି ଗ୍ରାମରେ ଭୁବନୀ ପାତ୍ରଙ୍କ ସହ ତାଙ୍କ ପଡୋଶୀଙ୍କ ସହ ଝଗଡ଼ା ହୋଇଥିଲା। ପଡ଼ୋଶୀଙ୍କ ଅଭିଯୋଗକ୍ରମେ ଭୁବନୀଙ୍କ ନାମରେ ମାମଲା ୩୭୦/୨୨ରେ ମାମଲା ରୁଜୁ ହୋଇଥିଲା। ତାଙ୍କୁ ଏହି ମାମଲାରେ ଗିରଫ ନ କରିବା ଓ ପୋଲିସ କୋର୍ଟରେ ଚାର୍ଜଶିଟ ଦେବା ବେଳେ କୋହଳ କରିବାକୁ ସେ ଫାଣ୍ଡି ଅଧିକାରୀ ସନ୍ତୋଷଙ୍କୁ କହିଥିଲେ। ଏଥିପାଇଁ ସେ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଭୁବନୀ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଭୁବନୀ ଭେଜିପୁଟ ଫାଣ୍ଡିକୁ ଯାଇ ଫାଣ୍ଡି ଅଧିକାରୀଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ ଚଢ଼ାଉ କରି ଫାଣ୍ଡି ଅଧିକାରୀ ସନ୍ତୋଷଙ୍କ ଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ୧୮/୨୨ରେ ମାମଲା ରୁଜୁ ହୋଇଥିଲା।

# ସାଇବର କ୍ରାଇମ୍ ସଚେତନତା କର୍ମଶାଳା

ବ୍ରହ୍ମପୁର ଅଫିସ,୨୧।୯




କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ କର୍ମକର୍ତ୍ତା ଓ ଅନ୍ୟମାନେ।

**ଭି.ଭି. ଗିରି ବାଳିକା ଉଚ୍ଚ ମାଧ୍ୟମିକ, ପ୍ରଶିକ୍ଷଣ ବିଦ୍ୟାଳୟ**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଭି.ଭି.ଗିରି ବାଳିକା ଉଚ୍ଚ ମାଧ୍ୟମିକ ଓ ପ୍ରଶିକ୍ଷଣ ବିଦ୍ୟାଳୟରେ ବୁଧବାର ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ଓ ସାଇବର କ୍ରାଇମ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଇରାନୀ ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ କୈଳାସ ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଡିଏସ୍‌ପି ହେଡ୍‌କ୍ୱାର୍ଟର ତଥା ସାଇବର ସେଲ୍ ଇନଚାର୍ଜ ଅକ୍ଷୟ କୁମାର ନାୟକ, ସମ୍ମାନିତ ଅତିଥି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସନ୍ଦୀପ କୁମାର ମହାନ୍ତି, ଡ.ମିନାକ୍ଷୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଡିଏସ୍‌ପି ନାୟକ କର୍ମଶାଳାରେ ଛାତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ ସାଇଟ ହ୍ୱାଟସ୍ଆପ, ଫେସ୍‌ବୁକ ଓ ୟୁ୍ୟଟୁବକୁ ସୁରକ୍ଷିତ ଭାବେ ବ୍ୟବହାର କରିବା ନିମନ୍ତେ ଆବଶ୍ୟକ ସୂଚନା ଦେଇଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଟ୍ରାଇ ସାଇକେଲ ବଣ୍ଟନ କରାଯାଉଛି।

କୋଟଗଡ଼,୨୧।୯(ଡି.ଏନ.ଏ.)

କୋଟଗଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ହୋଇଥିଲା। କାର୍ଯ୍ୟକ୍ରମକୁ ବିଏସ୍ଏସ୍ଓ ପ୍ରିୟବ୍ରତ ପଣ୍ଡା ପରିଚାଳନା କରିଥିବା ବେଳେ ବିଡିଓ ଅର୍ଜୁନ ପ୍ରଧାନ ତଦାରଖ କରିଥିଲେ। ଜୁଡ଼ାବାଲି, ଦୁର୍ଗାପଙ୍ଗା, ପକାରୀ, ପାରିଗଡ଼ ଓ ରାଣୀପଙ୍ଗା ଆଦି ୧୫ ପଞ୍ଚାୟତରୁ ୨୯୨ ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିଥିବା ବେଳେ ଏଥିରୁ ୧୭୦ ଜଣ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଛି। ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି, ସେମାନଙ୍କୁ ପ୍ରମାଣ ପତ୍ର ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇ ଦେବା ଓ ଭିନ୍ନକ୍ଷମ ଭତ୍ତା ବ୍ୟବସ୍ଥା କରାଯିବ ବୋଲି ପଣ୍ଡା କହିଛନ୍ତି। ବୁଧବାର ଆୟୋଜିତ ଶିବିରରେ ୫ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଏହି ସମୟରେ ବିଡ଼ିଓଙ୍କ ସହ ବ୍ଲକ ଅଧ୍ୟକ୍ଷା ପିଙ୍କି କହଁର, ଜିଲା ପରିଷଦ ସଭ୍ୟ ଜିରିମିୟ ସୁନାମାଝୀ ଉପସ୍ଥିତ ଥିଲେ। ହେଲେ ଜିଲା ସ୍ୱାସ୍ଥ୍ୟ ଟିମ୍ ମଧ୍ୟାହ୍ନ ୧୨.୩୦ରେ ଆସି ସେବା ଆରମ୍ଭ କରିଥିବାରୁ କୋଟଗଡ ବ୍ଲକ ଦୂର ଦୁରାନ୍ତରୁ ଆସିଥିବା ଭିନ୍ନକ୍ଷମ ଏବଂ ତାଙ୍କ ସମ୍ପର୍କୀୟମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭିଡକୁ ଦେଖି ଫୁଲବାଣୀରୁ ବିଭିନ୍ନ ବିଭାଗର ୪ ଜଣ କର୍ମଚାରୀ ଚାରିଟି ସ୍ଥାନରେ ଚିକିତ୍ସା କରିଥିଲେ। କୋଭିଡ ଟିକାରୁ ବଞ୍ଚିତ ହୋଇଥିବା ଲୋକଙ୍କ ପାଇଁ ମଧ୍ୟ ଟିକାକରଣ ବ୍ୟବସ୍ଥା କରାଯାଇଛି। ବିଶେଷକରି ଭିନ୍ନକ୍ଷମଙ୍କୁ ଯୋଗ୍ୟତା ଭିତିରେ ଋଣ ବ୍ୟବସ୍ଥା ଏବଂ ନିଜ ପରିବାର ସହ ସମ୍ମିଶ୍ରଣରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ନ କରି ସ୍ୱତନ୍ତ୍ର ଅନ୍ତ୍ୟୋଦୟ କାର୍ଡରେ ରାଶନ ସାମଗ୍ରୀ ଯୋଗାଇବାକୁ ଅନୁରୋଧ କରିଛନ୍ତି। ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଭିନ୍ନକ୍ଷମମାନଙ୍କୁ ସୁବିଧା ଦେବାକୁ ସାଧାରଣରେ ଦାବୀ ହୋଇଛି ।

# ସିଟି ହସ୍ପିଟାଲରେ ଶିଶୁ ମୃତ୍ୟୁ ଅଭିଯୋଗ, ଉତ୍ତେଜନା

ବ୍ରହ୍ମପୁର ଅଫିସ,୨୧।୯

ବ୍ରହ୍ମପୁର ସହରରେ ଥିବା ସିଟି ହସ୍ପିଟାଲରେ ଜଣେ ଗର୍ଭବତୀଙ୍କୁ ଚିକିତ୍ସା ସେବା ଠିକ୍ ନ ମିଳିବାରୁ ଗୁରୁବାର ତାଙ୍କ ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସିଟି ହସ୍ପିଟାଲ ଲେବର ରୁମ୍‌ରେ ମା'ପେଟରେ ଥିବା ଶିଶୁର ମୃତ୍ୟୁ ଘଟିଥିବା ନେଇ ମେଡିକାଲ କର୍ମଚାରୀ କହିଥିଲେ। ଯାହାକୁ ନେଇ ସେଠାରେ ରୋଗୀ ସମ୍ପର୍କୀୟ ଓ ମେଡିକାଲ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସେଠାରେ ପରିସ୍ଥିତି ଅଣାୟତ୍ତ ହେବାରୁ ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା।

ପ୍ରକାଶ ଯେ, କୋଦଳାର ରୀନା ନାୟକଙ୍କ ପ୍ରସବ ଲାଗି ତାଙ୍କୁ ମଙ୍ଗଳବାର ସିଟି ହସ୍ପିଟାଲ ଲେବର ରୁମ୍‌ରେ ଭର୍ତ୍ତି କରାଯାଇଥିଲା।



ହସ୍ପିଟାଲରେ ଉତ୍ତେଜନା ଓ ପୋଲିସର ତଦନ୍ତ ।

ଅଲଟ୍ରାସାଉଣ୍ଡ ପରେ କେତେକ ନର୍ସ ଆସି ରୀନାଙ୍କ ଭାଇ ଜିତେନ୍ଦ୍ରଙ୍କୁ ତୁମ ଭଉଣୀଙ୍କର ବର୍ତ୍ତମାନ ଗର୍ଭଯନ୍ତ୍ରଣା ଆସିନାହିଁ। ଏଣୁ ତାଙ୍କୁ ଘରକୁ ନେଇଯାଆ । ଜିତେନ୍ଦ୍ର ତାଙ୍କ ଭଉଣୀଙ୍କୁ ନେଇ ବ୍ରହ୍ମପୁରରେ ରହୁଥିବା ତାଙ୍କ ଭିଣୋଇ ଶିବ ଶଙ୍କର ନାୟକଙ୍କ ଘରକୁ ଯାଇଥିଲେ। ବୁଧବାର ସକାଳେ ଯନ୍ତ୍ରଣା ହେବାରୁ ତାଙ୍କୁ ପୁଣିଥରେ ସିଟି ହସ୍ପିଟାଲ ଲେବର ରୁମ୍‌ରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୫ଟାରେ ଉକ୍ତ ଲେବର ରୁମ୍‌ରୁ କେତେକ ନର୍ସ ଆସି ତାଙ୍କ ପେଟରେ ଥିବା ଶିଶୁଟିର ମୃତ୍ୟୁ ହୋଇଯାଇଥିବା କହିଥିଲେ। ଲେବର ରୁମ୍ ବାହାରେ ଜଗି ରହିଥିବା ରୋଗୀ ସମ୍ପର୍କୀୟମାନେ ଏହାକୁ କେନ୍ଦ୍ରକରି ପ୍ରବଳ ପାଟିତୁଣ୍ଡ କରିଥିଲେ। ସେଠାରେ କୌଣସି ଡାକ୍ତର ତାଙ୍କ ଭଉଣୀଙ୍କୁ ଦେଖି ନ ଥିବା ବେଳେ ଚିକିତ୍ସା ଅବହେଳାରୁ ଛୁଆର ମୃତ୍ୟୁ ଘଟିଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏପରିକି ଘଟଣାର ଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଟାଉନ ଥାନାରେ ଅଭିଯୋଗ ହୋଇଛି।

